## ପ୍ରେସ୍ ନୋଟ୍

# ଉଦଘାଟନ ହେଲା ଓରମାସର ଭ୍ରାମ୍ୟମାଣ ଆମ୍ବ ବିକ୍ରୟ ଗାଡି ।

ଅନୁଗୋଳ,ତା.୮ .୬:- ଲୋକମାନଂକୁ ସୁଲଭ ମୁଲ୍ୟରେ ସୁସ୍ୱାଦୁ ଓ ପ୍ରାକୃତିକ ଭାବେ ପାଚୁଥିବା ଆମ୍ବକୁ ଗଛରୁ ସଂଗ୍ରହ କରି ସେମାନଂକ ନିକଟରେ ପହଂଚାଇବା ନିମନ୍ତେ ଆଜି ପୂର୍ବାହ୍ନରେ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର କାର୍ଯ୍ୟାଳୟ ପରିସରରେ ବାହାରିଛି ଆମ୍ବ ବିକ୍ରୟ ଗାଡି । ଏହି ଗାଡିକୁ ଜିଲ୍ଲାପାଳ ଶ୍ରୀ ସିଦ୍ଧାର୍ଥ ଶଙ୍କରସ୍ୱାଇଁ ଆନୁଷ୍ଠାନିକ ଭାବେ ସବୁଜ ପତାକା ଦେଖାଇ ଉଦଘାଟନକରିବା ସହ ଆମ୍ବ ବିକ୍ରୟରେ ଉଭୟ ଚାଷୀ ଓ ପ୍ରଡ୍ୟୁସର ଗ୍ରୁପ୍ ଲାଭବାନ ହେବେ ଓ ଏହା ଲୋକମାନଂକ ନିକଟରେ ସୁଲଭ ମୁଲ୍ୟରେ ଉପଲବଧ ହେବ ବୋଲି ପ୍ରକାଶ କରିଥିଲେ । ବିଭିନ୍ନ କିସମର ଆମ୍ବ ଯଥା- ଆମ୍ରପାଲି,ବାଇଗଣ ପଲେଇ, ଲେଙ୍ଗେଡା, ଆଖୁରସ, ଦସରୀ, ବମ୍ବେଗ୍ରୀନ, ମଲ୍ଲିକା ଇତ୍ୟାଦି ଆମ୍ବ ବିନା ରାସାୟନିକ ପ୍ରକ୍ରିୟାରେ ଗଛରେ ପାଚିଥିବା ସମୟରେ ଏହାକୁ ସଂଗ୍ରହ କରାଯାଉଛି । ଏହି ଆମ୍ବକୁ ଚାଷୀମାନେ ୩ଟି ପ୍ରଡ୍ୟୁସର ଗ୍ରୁପ୍ ଯଥା-ଅନୁଗୋଳ ପ୍ରଡ୍ୟୁସର ଲିଃ, ଚାରମଲ୍ଲିକ ପ୍ରଡ୍ୟୁସର କମ୍ପାନୀ ଓ ଫାରମରସ୍ ଆଦର୍ଶ କୃଷକ ପ୍ରଡ୍ୟୁସର କମ୍ପାନୀକୁ ବିକ୍ରୟ କରୁଛନ୍ତି । ଚାଷୀମାନଂକ ନିକଟରୁ ସଂଗ୍ରହ ହେଉଥିବା ଆମ୍ବ ଭାମ୍ୟମାଣ ଗାଡି ସାହାଯ୍ୟରେ ଲୋକଂକ ପାଖରେ ସୁଲଭ ମୁଲ୍ୟରେ ପହଂଚାଯାଉଛି । ଏହା ଦ୍ୱାରା ଚାଷୀ ତାର ଆମ୍ବର ଉଚିତ୍ ମୁଲ୍ୟ ପାଇବା ସହ ଗ୍ରାହକମାନଂକ ପାଖରେ ଏହା ସହଜରେ ଉପଲବଧ ହେଉପାରୁଛି । ଚଳିତ ବର୍ଷ ଆମ୍ବ ଅମଳ କମ୍ ଥିବାରୁ ଏହାର ସର୍ବାଧିକ ମୁଲ୍ୟ କେଜି ପ୍ରତି ୭୫ ଟଂକା ରଖାଯାଇଛି । ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ(ସାଧାରଣ) ଶ୍ରୀ ରଜନୀକାନ୍ତ ସ୍ୱାଇଁ ,ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶ୍ରୀ ସନ୍ତୋଷ କୁମାର ପ୍ରଧାନ, ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ଦିଲ୍ଲିପ କୁମାର ସାହୁ,ଅନୁଗୋଳ ଉପଜିଲ୍ଲାପାଳ ଶ୍ରୀ ବଇତୁରା ଦିପ୍‌ଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ । ଓରମାସର ଉପ କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ ସୌରଭମୟ ଦାସ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ,ଅନୁଗୋଳ ।

ଜ୍ଞାପକ ସଂଖ୍ୟା ୨୨୨ ତା. ୦୮.୦୬. ୨୦୨୨ ।

ଏହାର ଏକକିତା ନକଲ ସମସ୍ତ ଜିଲ୍ଲା ସ୍ତରୀୟ ସାମ୍ବାଦିକଙ୍କ ସଦୟ ଅବଗତି ଓ ଏହାର ପ୍ରକାଶନ ନିମନ୍ତେ ପ୍ରେରଣ କରାଗଲା ।

୮।୬।୨୦୨୨

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ଅନୁଗୋଳ


CFPCL
33AE7226